# NATIONAL NEWS BULLETIN (ODIA)

## 14 January - 2026

## Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ଆଜିଠାରୁ ଆରମ୍ଭ ହେଉଛି ସି.ଏସ୍.ପି.ଓ.ସି. ବାଚସ୍ପତି ଓ ପ୍ରିଜାଇଡିଂ ଅଧିକାରୀଙ୍କ ୨୮ତମ ସମ୍ମିଳନୀ ।

– ଆସନ୍ତାକାଲି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ଦେଶରେ ଖୁବ୍ ଶୀଘ୍ର ୯ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ ବୋଲି ସୂଚନା ଦେଲେ ରେଳମନ୍ତ୍ରୀ ।
- ଏନ୍.ଆଇ.ଟି. ଏବଂ ଆଇ.ଆଇ.ଇ.ଏସ୍.ଟି. ପରିଷଦର ତ୍ରୟୋଦଶ ବୈଠକ ଶିକ୍ଷାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ।
- ଆଜି ଦେଶ ବ୍ୟାପି ପାଳନ କରାଯାଉଛି ଫସଲ ଅମଳର ପର୍ବ ମକର ସଂକ୍ରାନ୍ତି ।

ଏବଂ

- ରାଜ୍‌କୋଟ୍‌ଠାରେ ଆଜି ଖେଳାଯିବ ଭାରତ-ନ୍ୟୁଜିଲାଣ୍ଡ ପୁରୁଷ କ୍ରିକେଟ୍ ବର୍ଗ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ।

## ସିଏସ୍‌ପିଓସି-କନ୍‌ଫ୍ରେନ୍ସ

କମନ୍‌ୱେଲ୍‌ଥ ସି.ଏସ୍.ପି.ଓ.ସି.ର ବାଚସ୍ପତି ଏବଂ ପ୍ରିଜାଇଡିଂ ଅଧିକାରୀଙ୍କ ୨୮ତମ ସମ୍ମିଳନୀ ଆଜି ନୂଆଦିଲ୍ଲୀଠାରେ ଆରମ୍ଭ ହେଉଛି । ୬୦ରୁ ଅଧିକ କମନ୍‌ୱେଲ୍‌ଥ ଦେଶ ଏବଂ ଅର୍ଦ୍ଧସ୍ୱାୟତ ସଂସଦର ବାଚସ୍ପତି ଏବଂ ପ୍ରିଜାଇଡିଂ ଅଧିକାରୀ ଏହି ତିନିଦିନିଆ ସମ୍ମିଳନୀରେ ଯୋଗଦେଉଛନ୍ତି । ବିଭିନ୍ନ ଦେଶର ଶ୍ରେଷ୍ଠ ସଂସଦୀୟ ଗଣତାନ୍ତ୍ରିକ ପଦକ୍ଷେପ ଗୁଡ଼ିକ ନେଇ ଜ୍ଞାନର ଆଦାନପ୍ରଦାନ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

ପ୍ରଥମ ଦିନରେ ଆଜି ସି.ଏସ୍.ପି.ଓ.ସି.ର ସ୍ଥାୟୀ କମିଟି ବୈଠକ ଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ସମ୍ବିଧାନ ସଦନର କେନ୍ଦ୍ରୀୟ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ ।

ଏହି ଅବସରରେ ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଦେଶର ପ୍ରତିନିଧିଙ୍କ ସହ ଶ୍ରୀ ମୋଦୀ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । କୃତ୍ରିମ ବୁଦ୍ଧିମତାର ବ୍ୟବହାର, ନବସୃଜନଶୀଳ ଚିନ୍ତାଧାରା,

ସାମାଜିକ ଗଣମାଧ୍ୟମର ପ୍ରଭାବ, ଗଣତନ୍ତ୍ରର ସୁରକ୍ଷା, ସାଂସଦଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅବସରରେ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହେବ । ଏହି ସମ୍ମିଳନୀର ଉଦ୍‌ଯାପନୀ ଅବସରରେ ବାଚସ୍ପତି ଶ୍ରୀ ବିର୍ଲା ବ୍ରିଟେନ୍‌ର ହାଉସ୍ ଅଫ୍ କମନ୍ସର ଅଧ୍ୟକ୍ଷ ଲିଣ୍ଡସେ ହୋଇଲ୍‌ଙ୍କୁ ସି.ଏସ୍.ପି.ଓ.ସି.ର ପରବର୍ତ୍ତି ଅଧ୍ୟକ୍ଷତା ପାଇଁ ଦାୟିତ୍ୱ ହସ୍ତାନ୍ତର କରିବେ ।

## ବିର୍ଲା-ସାଉଥ୍‌ଆଫ୍ରିକା ଡେଲିଗେସନ୍

ଲୋକସଭା ବାଚସ୍ପତି ଓମ୍ ବିର୍ଲା ନୂଆଦିଲ୍ଲୀଠାରେ ଗତକାଲି ଦକ୍ଷିଣ ଆଫ୍ରିକା ଓ ଗ୍ରେନାଡାର ସଂସଦୀୟ ପ୍ରତିନିଧି ମଣ୍ଡଳୀ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସି.ଏସ୍.ପି.ଓ.ସି. ବୈଠକରେ ଯୋଗଦେବା ପାଇଁ ସେମାନେ ଭାରତ ଗସ୍ତରେ ଆସିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ବାଚସ୍ପତି ଶ୍ରୀ ବିର୍ଲାଙ୍କ ସହ ଲୋହରି ଉତ୍ସବ ପାଳନ କରିବା ସହ ଅଗ୍ନିପୂଜାର ବିଧି ପାଳନ କରିଥିଲେ । ଭାରତୀୟ ପର୍ବ ଏବଂ ସାଂସ୍କୃତିକ ଆଲୋଚନା, ବିଶ୍ୱ ଭାତୃତ୍ୱ, ପାରସ୍ପରିକ ସମ୍ମାନ ଓ ମାନବିକ ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ ବୋଲି ଶ୍ରୀ ବିର୍ଲା କହିଛନ୍ତି । ବୈଠକ ଅବସରରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ୱହାର୍ଦ୍ଦପୂର୍ଣ୍ଣ ଦ୍ୱିପାକ୍ଷିକ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ହୋଇଥିବା ଶ୍ରୀ ବିର୍ଲା ସୂଚନା ଦେଇଛନ୍ତି ।

# ପିଏମ୍-ବୋନେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ନୂଆଦିଲ୍ଲୀ ଠାରେ ଗତକାଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରନ୍ଙ୍କ କୂଟନୈତିକ ପରାମର୍ଶଦାତା ଇମାନୱେଲ୍ ବୋନେ ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଭାରତ-ଫ୍ରାନ୍ସ ଘନିଷ୍ଠ ସହଯୋଗକୁ ଇମାନ୍ୱେଲ୍ ବୋନେ ଅତ୍ୟନ୍ତ ଦୃଢ଼ ଓ ବିଶ୍ୱସ୍ତ ବୋଲି ବର୍ଣ୍ଣନା କରିଛନ୍ତି । ନବସୃଜନ, ପ୍ରଯୁକ୍ତିବିଦ୍ୟା ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବା ଉତ୍ସାହଜନକ ଏବଂ ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କ ଏ କ୍ଷେତ୍ରରେ ଅତ୍ୟନ୍ତ ସୁଦୃଢ଼ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉଭୟଙ୍କ ମଧ୍ୟରେ ପ୍ରମୁଖ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଆଧାରିତ ଦୃଷ୍ଟିକୋଣ ଉପରେ ମତବିନିମୟ ହୋଇଛି । ଭାରତ ଖୁବ୍ ଶୀଘ୍ର ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ବୈଷ୍ଣବ-ଅମ୍ରିତ ଭାରତ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଖୁବ୍ ଶୀଘ୍ର ଦେଶରେ ୯ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ ଟ୍ରେନ୍‌ଗୁଡ଼ିକର ଯାତ୍ରାପଥ ଉପରେ

ସୂଚନା ପ୍ରଦାନ କରିଛନ୍ତି । କାମାଖ୍ୟା-ରୋହତକ୍, ଦିବ୍ରୁଗଡ଼-ଗୋମତିନଗର, ନ୍ୟୁ-ଜଲପାଇଗୁଡ଼ି-ତିରୁଚିଲ୍ଲାପଲ୍ଲି, ନ୍ୟୁ-ଜଲପାଇଗୁଡ଼ିକ-ନଗରପୋଏଲ୍, ଆଲିପୁରଦ୍ୱାର୍-ଏସ୍.ଏମ୍.ଭି.ଟି. ବେଙ୍ଗାଲୁରୁ, ଆଲିପୁରଦ୍ୱାର୍-ପାନ୍‌ଭେଲ୍, ସାନ୍ତ୍ରାଗାଛି-ତମ୍ବରମ୍, ହାଓଡ଼ା-ଆନନ୍ଦବିହାର ଟର୍ମିନାଲ୍ ଏବଂ ସିଆଲଦା-ବନାରସ ମଧ୍ୟରେ ଏହି ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ ।

## ଜୟଶଙ୍କର-ରୁବିଓ ଟକ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ପରମାଣୁ ଶକ୍ତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଆମେରିକାର ନବନିଯୁକ୍ତି ରାଷ୍ଟ୍ରଦୂତ ସେର୍‌ଗିଓ ଗୋର୍ ଭାରତ-ଆମେରିକା ବାଣିଜ୍ୟ ପ୍ରସଙ୍ଗ ନେଇ ସହଯୋଗ ବୃଦ୍ଧି ସଂକ୍ରାନ୍ତ ବକ୍ତବ୍ୟ ପରିପ୍ରେକ୍ଷୀରେ ଡକ୍ଟର ଜୟଶଙ୍କର ଏବଂ ଶ୍ରୀ ରୁବିଓଙ୍କ ମଧ୍ୟରେ ଏହି ଆଲୋଚନା ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି, ଉଭୟ ପକ୍ଷଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜୟଶଙ୍କର

ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ସହଯୋଗ ବୃଦ୍ଧି ନେଇ ସେମାନଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି ।

## ଧର୍ମେନ୍ଦ୍ର-ନିଟ୍‌ସର୍

ଜାତୀୟ ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ନିଟ୍‌ସର୍ ପରିଷଦର ତ୍ରୟୋଦଶ ବୈଠକ ଗତକାଲି ନୂଆଦିଲ୍ଲୀ ଠାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ନିଟ୍ ଏବଂ ଭାରତୀୟ ବୈଷୟିକ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଆଇ.ଆଇ.ଇ.ଏସ୍.ଟି.ର ଶିକ୍ଷାଗତ ଏବଂ ଗବେଷଣା ମାନଦଣ୍ଡକୁ ଉନ୍ନତ କରିବା ତଥା ଶାସନଦକ୍ଷତା ବୃଦ୍ଧି କରିବା ଓ ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହନ ପ୍ରଦାନ କରିବପା ଲକ୍ଷ୍ୟ ନେଇ ବୈଠକରେ ଶ୍ରୀ ପ୍ରଧାନ ସମୀକ୍ଷା କରିଛନ୍ତି ।

ଏହି କ୍ଷେତ୍ରଗୁଡ଼ିକ ଉପରେ ପ୍ରସ୍ତୁତ ସନ୍ଦର୍ଭ ଉପସ୍ଥାପନ କରାଯାଇଛି । ଜାତୀୟ ପ୍ରାଥମିକତା ସହ ସମନ୍ୱୟ ତଥା ଶିକ୍ଷା କୈନ୍ଦ୍ରୀକ ପାଠ୍ୟକ୍ରମକୁ ଏହି ପ୍ରତିଷ୍ଠାନଗୁଡ଼ିକରେ ପ୍ରାଧାନ୍ୟ ଦେବାକୁ ଶ୍ରୀ ପ୍ରଧାନ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଏକବିଂଶ ଶତାବ୍ଦୀର ଆବଶ୍ୟକତା ଆଧାରରେ ପାଠ୍ୟକ୍ରମ ବିକାଶ ତଥା ନିଯୁକ୍ତି କ୍ଷେତ୍ରକୁ ଦୃଷ୍ଟିରେ ରଖି ଏକ ଶିଳ୍ପ ନେତୃତ୍ୱାଧୀନ ପାଠ୍ୟକ୍ରମ କମିଟି ଗଠନ କରିବାକୁ ଶ୍ରୀ ପ୍ରଧାନ ଏହି ଅବସରରେ ପରାମର୍ଶ ଦେଇଛନ୍ତି । ପ୍ରୟୋଗାତ୍ମକ ଶିକ୍ଷା, ଗବେଷଣା, ନବସୃଜନ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ବିକାଶର ପ୍ରମୁଖ କେନ୍ଦ୍ର ଭାବେ ଏନ୍.ଆଇ.ଟି. ଏବଂ ଆଇ.ଆଇ.ଇ.ଏସ୍.ଟି. ପ୍ରତିଷ୍ଠାନଗୁଡ଼ିକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

**V/O**

ପ୍ରତିଷ୍ଠାନଗୁଡ଼ିକରେ ସଂସ୍କାର, ସ୍ୱତନ୍ତ୍ର ସ୍ନାତକୋତ୍ତର ପାଠ୍ୟକ୍ରମ, ଦୃଢ଼ ନବସୃଜନ ଇକୋ ସିଷ୍ଟମ ବ୍ୟବସ୍ଥା ଏବଂ କୃତ୍ରିମ ବୁଦ୍ଧିମତା ଆଧାରିତ ବହୁଭାଷୀ ଶିକ୍ଷା ପଦକ୍ଷେପକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ବୈଠକରେ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

## ମକର ସଂକ୍ରାନ୍ତୀ

ଫସଲ ଅମଳର ପର୍ବ ମକର ସଂକ୍ରାନ୍ତୀ ଆଜି ଦେଶ ବ୍ୟାପି ପାଳନ କରାଯାଉଛି । ଶୀତ ଋତୁର ଶେଷ ଏବଂ ଦିନ ବଡ଼ ହେବାର ଆରମ୍ଭକୁ ଏହି ଦିବସ ସୂଚୀତ କରିଥାଏ । ଆଜିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହେଉଛି । ଦେଶର ବିଭିନ୍ନ ପ୍ରାନ୍ତରେ ଏହାକୁ ଭିନ୍ନ ଭିନ୍ନ ଭାବେ ପାଳନ

କରାଯାଇଥାଏ । ତାମିଲନାଡୁରେ ପୋଙ୍ଗୋଲ, ଗୁଜରାଟର ଉତ୍ତରାୟଣ, ଆସାମରେ ଭୋଗଲି ବିହୁ ଏବଂ ପଶ୍ଚିମବଙ୍ଗରେ ପୌଷ ସଂକ୍ରାନ୍ତୀ ଭାବେ ଏହି ଦିବସକୁ ପାଳନ କରାଯାଉଛି । ବିଭିନ୍ନ ଦେବାଳୟରେ ଏହି ଅବସରରେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ । ମକର ସଂକ୍ରାନ୍ତୀ ପାଳନ ଅବସରରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି ମକରଚୌରାଶି ବେଶ ଅନୁଷ୍ଠିତ ହେବ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିତିନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି ।

## ରାଜନାଥ ସିଂହ-ଭେଟ୍ରାନ୍ସ ଡେ

ଦଶମ ସଶସ୍ତ୍ର ବାହିନୀ ସମ୍ମାନସ୍ୱଦ ସୈନିକ ଦିବସ ଆଜି ଦେଶବ୍ୟାପି ପାଳନ କରାଯାଉଛି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗଦେବେ । ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିପ୍ ଫିଲ୍ଡ ମାର୍ଶାଲ୍ କେ.ଏମ୍. କରିୟପ୍ପାଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ଜାନୁଆରୀ ମାସ ୧୪ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ୧୯୫୩ ମସିହାରେ ଶ୍ରୀ କରିୟପ୍ପା ଅବସର ଗ୍ରହଣ କରିଥିଲେ । ଭାରତର ସାମରିକ ଇତିହାସରେ ଫିଲ୍ଡ ମାର୍ଶାଲ କରିୟପ୍ପା ଜଣେ ଦକ୍ଷ ବ୍ୟକ୍ତିତ୍ୱ ତଥା ସେବା, ଶୃଙ୍ଖଳା ଓ ଦେଶ ପ୍ରେମର ପ୍ରତୀକ ଭାବେ ମାନ୍ୟତା ହାସଲ କରିଥିଲେ । ଏହି ଦିବସ ପାଳନ

ଅବସରରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୪ଟି ରାଜ୍ୟ ସୈନିକ ବୋର୍ଡ୍ ଏବଂ ୪୩୪ଟି ଜିଲ୍ଲା ସୈନିକ ବୋର୍ଡ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## କ୍ରିକେଟ୍-ଓଡିଆଇ

ଭାରତ-ନ୍ୟୁଜିଲାଣ୍ଡ ପୁରୁଷ କ୍ରିକେଟ୍ ବର୍ଗ ତିନି ଟିକିଆ ଦିନିକିଆ ଆନ୍ତର୍ଜାତିକ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ରାଜକୋଟ୍‌ର ନିରଞ୍ଜନ ଶାହା ଷ୍ଟାଡିୟମ୍‌ଠାରେ ଖେଳାଯିବ । ଅପରାହ୍ଣ ସାଢ଼େ ଗୋଟାଏରେ ଏହି ମ୍ୟାଚ୍ ଆରମ୍ଭ ହେବ । ଭଦୋଦରାଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଇନ୍ଦୋରଠାରେ ଆସନ୍ତା ରବିବାର ଦିନ ଖେଳାଯିବ ।

## କ୍ରିକେଟ୍-ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ ହୋଇଛି । ନଭି ମୁମ୍ବାଇର ଡକ୍ଟର ଡି.ୱାଇ. ପାଟିଲ୍ ସ୍ପୋର୍ଟସ୍ ଏକାଡେମୀଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟ୍‌ରେ ଗୁଜରାଟ ଜ୍ୟାଣ୍ଟସ୍‌କୁ ପରାସ୍ତ

କରିଖଛି । ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଗୁଜରାଟ ଜ୍ୟାଣ୍ଟସ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୧୯୨ରନ୍ ସଂଗ୍ରହ କରିଥିଲା । ୧୯୩ରନ୍‌ର ବିଜୟ ଲକ୍ଷ୍ୟକୁ ମୁମ୍ବାଇ ଇଣ୍ଡିଆନ୍ସ ୪ଟି ବଲ୍ ବାକିଥାଇ ୩ ଓ୍ୱିକେଟ୍ ବିନିମୟରେ ସଂଗ୍ରହ କରିପାରିଥିଲା । ଦଳ ପକ୍ଷରୁ ଅଧିନାୟକ ହରମନପ୍ରିତ କୌରା ୪୩ଟି ବଲ୍‌ରୁ ସର୍ବାଧିକ ୭୧ରନ୍ ସଂଗ୍ରହ କରିଥିଲେ । ହରମନ୍‌ପ୍ରିତ କୌରଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।

ଆଜି ସନ୍ଧ୍ୟା ସାଢ଼େ ୭ଟାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ୟୁ.ପି. ଓ୍ୱାରିୟର୍ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ ।